## ସଂକ୍ଷେପରେ

### ହାତୀ ଉପଦ୍ରବ, ଚିନ୍ତାରେ ଚାଷୀ

ପାଲଲହଡା,୧୧।୧୧(ଡି.ଏନ.ଏ.)- ଦେବଗଡ଼ ବନଖଣ୍ଡର ପାଲଲହଡା ଏବଂ ଖମାର ବନାଞ୍ଚଳରେ ଦୈନିକ ହେକ୍ଟର ହେକ୍ଟର ଜମିରେ ହାତୀପଲ ପଶି ଫସଲ ନଷ୍ଟ କରୁଛନ୍ତି। ଫଳରେ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ତେବେ ଗ୍ରାମାଭିମୁଖୀ ହାତୀପଲଙ୍କୁ ତଡିବା ପାଇଁ ବନବିଭାଗକୁ ନାକେଦମ ହେବାକୁ ପଡୁଛି। ପାଲଲହଡା ବନାଞ୍ଚଳର ଡିମିରିଆ, ଝିମିରିପାଲି, ରଞ୍ଜ, ବଡିସୁଆଁ, ଝାରବେଡା, ଖୁଲୁଡି, ରାଇପାଳ, ନାମପଶି, ଯମରଡ଼ିହ, ଶିମିଳିପାଳ ଅଞ୍ଚଳରେ ହାତୀପଲ ଉପଦ୍ରବ ଚଳାଇଛନ୍ତି। ସେହିପରି ଖମାର ବନାଞ୍ଚଳରେ ପାଉଁସିଆ, ଖମାର, ବଡ଼ସଡା, କୁରୁମୂଳା, ତାମ୍ଭୁର, ନୂଆଗାଁ, ଆଲୁରି ଆଦି ଗ୍ରାମରେ ହାତୀପଲ ଫସଲ ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଏହି ୨ଟି ବନାଞ୍ଚଳରେ ୬୦ରୁ ଊର୍ଦ୍ଧ୍ୱ ହାତୀ ଚଳପ୍ରଚଳ କରୁଥିବା ଜଣାପଡ଼ିଛି। ତୁରନ୍ତ ହାତୀପଲଙ୍କୁ ଘଉଡ଼ାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଖମାର ବନାଞ୍ଚଳ ରେଞ୍ଜର କାଜଲ କୁମାର ନାୟକ କହିଛନ୍ତି, ହାତୀମାନଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ସେମାନେ କିଭଳି ଜନବସତି ମୁହାଁ ନ ହେବେ ସେଥିପ୍ରତି ଧ୍ୟାନ ଦିଆଯାଉଛି।

# ଆଜିଠାରୁ ମା’ ଲୋଭୀ ଠାକୁରାଣୀଙ୍କ ଯାତ୍ରା

(ଉପେନ୍ଦ୍ର ରାଉତ)
ବଅଁରପାଳ, ୧୧।୧୧

- ୪ ଦିନ ଧରି ହେବ ପାଳନ
- ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କଡ଼ା ବ୍ୟବସ୍ଥା
- ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିବ ଅଞ୍ଚଳ

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଠାରେ ଥିବା ମା’ ଲୋଭୀ ଠାକୁରାଣୀଙ୍କ ଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହେବ। ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା’ ଲୋଭୀ। ତେଣୁ ମା’ଙ୍କ ଏହି ବାର୍ଷିକ ଯାତ୍ରା ପାଇଁ ଦୁଇ ଗାଁ ବେଶ୍ ଚଳଚଞ୍ଚଳ ହୋଇପଡ଼ିଛି। ୪ ଦିନ ବା ୧୫ ତାରିଖ ପର୍ଯ୍ୟନ୍ତ ଏହି ଯାତ୍ରା ପାଳିତ ହେବ। ହଜାର ହଜାର ଲୋକଙ୍କ ସମାଗମ ହେବାକୁ ଥିବାରୁ ଚଳିତବର୍ଷ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ମା’ ଲୋଭୀ କଳା ଚୁଡ଼ି, କଳା ଶାଢ଼ି ଓ କଜଳ ପରିଧାନ କରୁଥିବାରୁ ଏହି ଦୁଇ ଗ୍ରାମରେ କେହି କଳାବସ୍ତ୍ର ପିନ୍ଧନ୍ତି ନାହିଁ। ବର୍ଷ ବର୍ଷ ଧରି ଏହି ପରମ୍ପରାକୁ ଗ୍ରାମବାସୀ ପାଳନ କରିଆସିଛନ୍ତି। ପୂଜା ବିଧି ଅନୁସାରେ ଗଡ଼ସନ୍ତ୍ରୀ ଠାରେ ମା’ଙ୍କ ପୀଠସ୍ଥଳି ରହିଥିବାବେଳେ ତୁଳସୀପାଳ ଗ୍ରାମରେ ଦିଅଁ ଘର ରହିଛି। ଯାତ୍ରା ଦିନ ସକାଳେ ଆଲମ ଘରେ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରାଯିବ। ପୂର୍ବାହ୍ନରେ ଠାକୁରାଣୀଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ପୀଠସ୍ଥଳିକୁ ଅଣାଯିବ। ସେଠାରେ ମାଜଣା ପୂଜା ପରେ ବଡ଼ ପୂଜା ସମ୍ପନ୍ନ ହେବ। ମାନସିକ ପାଇଁ ବହୁ ଶ୍ରଦ୍ଧାଳୁ ପୀଠରେ ଅଧିଆ ପଡ଼ିବା ସହ ଶିଶୁଙ୍କ ମୁଣ୍ଡନ କାର୍ଯ୍ୟ କରିବେ। ରାତିରେ ମା’ଙ୍କ ମହାଦେଶ ତୁଳସୀପାଳରୁ ଗଡ଼ସନ୍ତ୍ରୀକୁ ଅଣାଯିବ। ଯାତ୍ରା ଅବସରରେ ମେଲୋଡି, ଭଜନ ସମାରୋହ, ଦଣ୍ଡନୃତ୍ୟ ପ୍ରତିଯୋଗିତା ସମେତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।



ଏ ସମ୍ପର୍କରେ ଗଡ଼ସନ୍ତ୍ରୀ ସରପଞ୍ଚ ନର୍ମଦା ମାଝି, ତୁଳସୀପାଳ ସରପଞ୍ଚ ଲୋକନାଥ ସାହୁ, ଅଞ୍ଜଳି ଭୋଇ, ଦୁଃଖବନ୍ଧୁ ବିଶ୍ୱାଳ, ପତିତପାବନ ମାଝି, ଟ୍ରଷ୍ଟିବୋର୍ଡ ସଭାପତି ସୁନୀଳ ମାଝି କୁହନ୍ତି, ମା ଲୋଭୀ ହେଉଛନ୍ତି ପ୍ରତ୍ୟକ୍ଷ ଠାକୁରାଣୀ। ଯିଏ ଯେଉଁ ମାନସିକ କରନ୍ତି ତାହା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଆସିଛି। ମା’ ନିଜେ କଳାଚୁଡ଼ି ଓ କଳାଶାଢ଼ି ପରିଧାନ କରୁଥିବାରୁ ଉଭୟ ଗ୍ରାମର କୌଣସି ଲୋକ କେବେ ଏପରି ବସ୍ତ୍ର ବ୍ୟବହାର କରନ୍ତି ନାହିଁ। ଏଥିସହ ଯାତ୍ରା ୪ ଦିନ ଘରକୁ ଆସୁଥିବା ଅତିଥିମାନଙ୍କୁ ସତ୍କାର କରାଯାଏ ନାହିଁ। କାରଣ ଏହି ୪ ଦିନ ମା ଲୋଭୀ ହେଉଛନ୍ତି ଅତିଥି। ଏହି ଯାତ୍ରା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏକ ଅସ୍ଥାୟୀ ଫାଣ୍ଡି ସହ ୨ ପ୍ଲାଟୁନ୍ ଫୋର୍ସ, ୨ ଇନ୍ସପେକ୍ଟର, ୪ ସବ୍‌ଇନ୍ସପେକ୍ଟର, ୫ ଏଏସ୍‌ଆଇଙ୍କୁ ଦାୟିତ୍ୱରେ ରଖାଯାଇଛି। ଏହି ଯାତ୍ରାକୁ ଉଭୟ ଗ୍ରାମବାସୀ ପରିଚାଳନା କରୁଛନ୍ତି।



ନର୍ମଦା ମାଝି | ଦୁଃଖବନ୍ଧୁ ବିଶ୍ୱାଳ | ଅଞ୍ଜଳି ଭୋଇ | ଲୋକନାଥ ସାହୁ | ପତିତପାବନ ମାଝି | ସୁନୀଳ ମାଝି

### ଗୃହ ନିର୍ମାଣ ପାଇଁ ଭିନ୍ନକ୍ଷମ ଜିଲାପାଳଙ୍କ ଦ୍ୱାରସ୍ଥ

ଅନୁଗୋଳ ଅଫିସ, ୧୧।୧୧

ଅନୁଗୋଳ ଜିଲା ନାଲ୍‌କୋ ଥାନା କାଣ୍ଡସର ଗ୍ରାମର ଭିନ୍ନକ୍ଷମ ତ୍ରିନାଥ ଚରଣ ପ୍ରଧାନ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗପତ୍ରରେ ସେ ଦର୍ଶାଇନ୍ତି ଯେ, ଜିଲା ଶ୍ରମ ଅଧିକାରୀଙ୍କ ଠାରୁ ସେ ଲେବର କାର୍ଡ ପାଇଛନ୍ତି। ଗୃହ ନିର୍ମାଣ ପାଇଁ ତାଙ୍କୁ କାର୍ଯ୍ୟାଦେଶ ମଧ୍ୟ ମିଳିଛି। ହେଲେ ଉକ୍ତ ଗୃହର ସର୍ଭେ ବେଳେ ତାଙ୍କୁ ଗାଳିଗୁଲଜ ସହ ଲାଞ୍ଚ ମଗାଯାଇଛି। ଏପରି କି ଟଙ୍କା ନ ଦେଲେ ତାଲିକାରୁ ନାଁ କାଟିଦିଆଯିବ ବୋଲି ଧମକ ଦିଆଯାଇଛି। ତେଣୁ ସର୍ଭେ ପାଇଁ ଯାଇଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ତ୍ରିନାଥ ଦାବି କରିଛନ୍ତି। ଅପରପକ୍ଷରେ ସର୍ଭେ ପାଇଁ ଯାଇଥିବା ଅଧିକାରୀ ଏପରି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଅଭିଯୋଗରେ କୌଣସି ସତ୍ୟତା ନାହିଁ। ତ୍ରିନାଥ ଓଲଟି ଆମକୁ ଗାଳିଗୁଲଜ କରିଥିଲେ। ଏପରି କି ଲାଞ୍ଚ ମାଗିବା କଥା ମଧ୍ୟ ସମ୍ପୂର୍ଣ୍ଣ ମିଛ ବୋଲି ସମ୍ପୃକ୍ତ ଅଧିକାରୀ ପ୍ରକାଶ କରିଛନ୍ତି।




### ଖଣି ବନ୍ଦ ଆନ୍ଦୋଳନ ଜାରି

କଣିହାଁ,୧୧।୧୧(ଡି.ଏନ.ଏ.)

ଟ୍ରକ୍ ଚାଳକଙ୍କ ଆନ୍ଦୋଳନ ଯୋଗୁ ରବିବାରଠାରୁ କଣିହାଁ କୋଇଲା ଖଣି କାର୍ଯ୍ୟ ବନ୍ଦ ରହିଛି। ସମସ୍ୟା ସମାଧାନ ପାଇଁ ସୋମବାର ଠିକାସଂସ୍ଥା ଭିଏଫପିଏଲ ଓ ଆନ୍ଦୋଳନକାରୀଙ୍କୁ ନେଇ ଏକ ବୈଠକ ବସିଥିଲା। ତେବେ ଆଲୋଚନା ବିଫଳ ହୋଇଥିଲା। ଏଥିଯୋଗୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ କୋଇଲା ପରିବହନ ହୋଇପାରୁ ନାହିଁ। ଦୈନିକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱହାନୀ ହେଉଛି। ଠିକାସଂସ୍ଥା ତରଫରୁ ଥାନାରେ ପୁନଃ ଅଭିଯୋଗ କରାଯାଇଛି। ଥାନା ସୂତ୍ରରୁ ଜଣାଯାଏ, ନଂ. ୨୨୨/୧୯ରେ ମାମଲା ରୁଜୁ କରାଯାଇଛି। ଖଣି କାର୍ଯ୍ୟରେ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

■ ପ୍ରଶାସନ ନିକଟରେ ଫେରାଦ ହେଲେ ଅଟୋ ମାଲିକ, ଚାଳକ

# ପରିବହନ ଆଇନ କୋହଳ ଦାବି

ଅନୁଗୋଳ ଅଫିସ, ୧୧।୧୧

ଅନୁଗୋଳ ସହରରେ ଥିବା ବିଭିନ୍ନ ବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କୁ ନେବା ଆଣିବା କରୁଥିବା ମା’ ବୁଢ଼ୀ ସ୍କୁଲ ପରିବହନ ସଂଘର ସଦସ୍ୟମାନେ ସୋମବାର ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ମୋଟରଯାନ ଆଇନ କୋହଳ କରିବାକୁ ଦାବି କରିଛନ୍ତି। ଦାବିପତ୍ରରେ ସଂଘ ସଦସ୍ୟମାନେ ଦର୍ଶାଇଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ୧୪ ସିଟ୍‌ରୁ ଅଧିକ ଥିବା ଗାଡ଼ିଗୁଡ଼ିକ ବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କୁ ଧରି ଯାତାୟାତ କରିପାରିବ। ଏଥିରେ ଖିଲାପ କଲେ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ମୋଟରଯାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ନିୟମକୁ ଅନୁଗୋଳ ପରିବହନ ବିଭାଗ ପକ୍ଷରୁ କିଛି ମାସ ହେବ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ଏପରି କି ଛାତ୍ରୀଛାତ୍ରଙ୍କୁ ନେବା ଆଣିବା ନ କରିବାକୁ ପରିବହନ ବିଭାଗ ତାଗିଦ୍ କରିବା ସହ ଫାଇନ୍ ଆଦାୟ କରୁଛି। ଫଳରେ ଜୀବିକା ନିର୍ବାହ ପାଇଁ ଋଣରେ ଅଟୋ ଓ ଟାଟା ମ୍ୟାଜିକ୍ ଆଦି କିଣି ସ୍କୁଲ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଭାବେ ନେବା ଆଣିବା କରୁଥିବା ଅଟୋ ମାଲିକ, ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ଜୀବିକା ନିର୍ବାହ କରିବା ପାଇଁ ବିକଳ୍ପ ବ୍ୟବସ୍ଥା ନ କରିବା ପର୍ଯ୍ୟନ୍ତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେବା ଆଣିବାରେ କୌଣସି ବାଧା ସୃଷ୍ଟି ନ କରିବାକୁ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ମା’ ବୁଢ଼ୀ ସ୍କୁଲ ପରିବହନ ସଂଘ ସଭାପତି ଲକ୍ଷ୍ମୀଧର ବେହେରା, ଉପସଭାପତି କୁମୁଦ ଚନ୍ଦ୍ର ସାହୁ, ସମ୍ପାଦକ ଅଜିତ ସାହୁ, ମିଟୁ ସାହୁ, ପବିତ୍ର ମାହାର, ଭୁବନ ସାହୁ, ଅଶୋକ ମିଶ୍ର ଓ ସମସ୍ତ କର୍ମକର୍ତ୍ତାଙ୍କ ସମେତ ଯୁବ ସଙ୍ଗଠକ ନିରଞ୍ଜନ ନାୟକ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ କୌଣସି ସୂଚନା ନ ଦେଇ ଅଟୋ ଚାଳକମାନେ ସକାଳେ ପିଲାଙ୍କୁ ସ୍କୁଲକୁ ନେଇ ଯାଇଥିଲେ ମଧ୍ୟ ସ୍କୁଲରୁ ଘରକୁ ଆଣି ନ ଥିଲେ। ଫଳରେ ବହୁ ଛାତ୍ରୀଛାତ୍ରଙ୍କ ସହ ଅଭିଭାବକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।



ପ୍ରଶାସନ ନିକଟକୁ ଦାବିପତ୍ର ଦେବାକୁ ଆସିଥିବା ମା’ ବୁଢ଼ୀ ସ୍କୁଲ ପରିବହନ ସଂଘ ସଦସ୍ୟମାନେ।

### ମହିଳାଙ୍କୁ ଆକ୍ରମଣ ଅଭିଯୋଗ

ବଇଣ୍ଡା,୧୧।୧୧(ଡି.ଏନ.ଏ.):

ଠାକୁରଗଡ଼ ଥାନା ବଡ଼ଦାଦର ଗ୍ରାମର ରୂପାଲି ନାୟକଙ୍କୁ ସେହି ଗ୍ରାମର ନରେଶ ନାୟକ ଶନିବାର ଆକ୍ରମଣ କରିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୧୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ରୂପାଲି ଘରେ ଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ନରେଶ ସେଠାରେ ଏକ ଭୁଜାଲି ଧରି ପହଞ୍ଚିଥିଲେ। ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିବା ପାଇଁ ଧମକ ଦେବା ସହ ରୂପାଲିଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ରାଜ୍ୟସ୍ତରୀୟ କଳା ଉତ୍ସବ: ଅନୁଗୋଳରୁ ୭ ପ୍ରତିଯୋଗୀ

ଅନୁଗୋଳ ଅଫିସ, ୧୧।୧୧

ଆସନ୍ତା ୧୫ ଓ ୧୬ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ କଳା ଉତ୍ସବ ପ୍ରତିଯୋଗିତାରେ ଅନୁଗୋଳର ୭ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବାଲେଶ୍ୱର ଠାରେ ଜୋନାଲସ୍ତରୀୟ ପ୍ରତିଯୋଗିତାରେ ଅନୁଗୋଳର ୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୭ ଜଣ ଚୟନ ହୋଇଥିବା ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ସୂଚନା ଦେଇଛନ୍ତି। ଚିତ୍ରାଙ୍କନରେ କ୍ରିଷ୍ଣା କେରାଇ ଓ ସମୁଲ ଫତମା, ସୋଲ ଡ୍ୟାନ୍ସରେ ଅନ୍ୱେଶା କିରନ, ଭୋକାଲ ସଙ୍ଗୀତରେ ଆକ୍ରିତ ପାଠକ ଓ ରାମାକାନ୍ତ ପାଣ୍ଡେ, ବାଦ୍ୟଯନ୍ତ୍ରରେ ଅଭିଶ୍ରୀୟା ପଟ୍ଟନାୟକ ଓ ସୋହମ ସାହୁ ମନୋନୀତ ହୋଇଛନ୍ତି। ଏହି ଛାତ୍ରୀଛାତ୍ରଙ୍କୁ ଓ.ପି. ଜିନ୍ଦଲ ଶିକ୍ଷକ ଅନୁସୟା ରାଏ ଓ ରାଜକୁମାର ନାହାକ ବାଲେଶ୍ୱର ନେଇ ଯାଇଥିବା ମଧ୍ୟ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ମନୋନୀତ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ରାଜ୍ୟସ୍ତରରେ ମଧ୍ୟ ଉତ୍ତମ ପ୍ରଦର୍ଶନ ପାଇଁ ଆଶା ବ୍ୟକ୍ତ କରିଛନ୍ତି।

■ ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର

## ୧୨ ଜଣଙ୍କୁ ୪୧ ହଜାର ଚିକିତ୍ସା ସହାୟତା

ଅନୁଗୋଳ ଅଫିସ, ୧୧।୧୧

ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଯୋଗଦେଇଥିଲେ। ଶିବିରରେ ଦାଖଲ ହୋଇଥିବା ସମୁଦାୟ ୧୦୯ଟି ଅଭିଯୋଗରୁ ୮୧ଟି ବ୍ୟକ୍ତିଗତ ଓ ୧୬ଟି ଗ୍ରାମ୍ୟଭିତ୍ତିକ ସମସ୍ୟାର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲା ରେଡକ୍ରସ ପାଣ୍ଠିରୁ ୧୨ ଜଣଙ୍କୁ ୩୬ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ଚିକିତ୍ସା ପାଇଁ ଜିଲାପାଳ ପ୍ରଦାନ କରିଥିଲେ। ଶିବିରକୁ ଆସିଥିବା ଲୋକମାନେ ସାଧାରଣତଃ ଭତ୍ତା, ଇନ୍ଦିରାଆବାସ, ବିଜୁ ପକ୍କାଘର, ରାସ୍ତା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ ଓ ବିସ୍ଥାପନ ସମସ୍ୟା ଉପରେ ଜିଲାପାଳଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାୟାଧର ବେହେରା, ଆସିଷ୍ଟାଣ୍ଟ କଲେକ୍ଟର ଇସାନି ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।



## ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଶିବ ପ୍ରସାଦ ମିଶ୍ର
ସ୍ୱର୍ଗତ ପିତା: ନାରାୟଣ ମିଶ୍ର
ସ୍ୱର୍ଗତା ମାତା: ଲକ୍ଷ୍ମୀ ମିଶ୍ର
ଛତାଘର, ବଡ଼ଦାଣ୍ଡ, ପୁରୀ
ଆବିର୍ଭାବ: ୦୩।୦୫।୧୯୫୮
ତିରୋଧାନ: ୦୩।୧୧।୨୦୧୭
(କାର୍ତ୍ତିକ ପୂର୍ଣ୍ଣମୀ)
ଶୋକସନ୍ତପ୍ତ:
ପରିବାରବର୍ଗ ।
ଧ-୧୫୧୮୮

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଇଂ. ଶିଳାଦିତ୍ୟ ପଟ୍ଟନାୟକ
ଆବିର୍ଭାବ: ଆଶ୍ୱିନ ଶୁକ୍ଳପକ୍ଷ, ଏକାଦଶୀ-୧୯୮୪
ତିରୋଧାନ: କାର୍ତ୍ତିକ ପୂର୍ଣ୍ଣିମା-୨୦୧୬
ଏହି ଶ୍ରେଷ୍ଠ ପୁଣ୍ୟ ଦିବସରେ ଆମ୍ଭ ସମସ୍ତଙ୍କୁ ଛାଡି ପରମେଶ୍ୱରଙ୍କ ପାଖକୁ ଚାଲିଗଲୁ। ଏହି ସ୍ୱଳ୍ପ ସମୟ ମଧ୍ୟରେ ତୋର କାର୍ଯ୍ୟକଳାପ, ଅଧ୍ୟବସାୟ ସମସ୍ତଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିଥିବ। ଠାକୁରଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଆଦର୍ଶ, ପ୍ରେରଣା ଆମ୍ଭସମସ୍ତଙ୍କୁ ଶକ୍ତି ଓ ସାହସ ପ୍ରଦାନ କରୁ ଏବଂ ସୁପଥ ପ୍ରଦର୍ଶନ କରୁ। ଶୋକସନ୍ତପ୍ତ: ପରିବାର, ବନ୍ଧୁ ଏବଂ ଆତ୍ମୀୟସ୍ୱଜନବୃନ୍ଦ।
ଧ-୧୫୧୭୯

**ଦଶମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ରାମକୃଷ୍ଣ ମହାପାତ୍ର
ସଂସ୍କୃତ କଲେଜ ରୋଡ୍, ଦୋଳମଣ୍ଡପ ସାହି, ପୁରୀ
ଆବିର୍ଭାବ: ୦୨।୧୧।୧୯୪୮
ତିରୋଧାନ: ୦୨।୧୧।୨୦୦୯
ଆଜି ଆପଣଙ୍କର ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୧୩୨

**ଦଶମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଚିନ୍ମୟ ପଟ୍ଟନାୟକ (ଲିଙ୍କନ)
ସମେଇଗଡ଼ିଆ, ଭୁବନେଶ୍ୱର
ଆବିର୍ଭାବ: ୦୬।୦୨।୧୯୮୪
(ବସନ୍ତ ପଞ୍ଚମୀ)
ତିରୋଧାନ: ୦୨।୧୧।୨୦୦୯
(କାର୍ତ୍ତିକ ପୂର୍ଣ୍ଣିମା)
ଆଜି ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ପ୍ରାର୍ଥନା କରୁଛି। ହତଭାଗ୍ୟ ବାପା ଜୟକୃଷ୍ଣ ପଟ୍ଟନାୟକ।
ଧ-୯୧୦୮୭

**MISS YOU KUNU**



DOB : 04/06/2013
DOD : 14/11/2016
A day spent away from you is as good as a day not worth being alive ...
We miss you KUNU
Felu & Family
Nikirai , Kendrapara
Odisha
ଧ-୧୫୧୮୭

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

CLASSIFIED DISPLAY



Wanted additional dealers for DIVYA SHAKTI Power Tillers and other agro implements from all Odisha Districts/Blocs. Marketing Staff also Required. Contact: 91-9007174231, 91-9830528042, Email: chiragcorp@gmail.com

ଶ୍ରବଣ ସମସ୍ୟା?
ଅଡ଼ିଜୋନ୍ ଏବେ ସମ୍ବଲପୁରରେ
For FREE hearing checkup : 7853086497, 9078672409
ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

## ଆଜି କ'ଣ କେଉଁଠି

**ବଣ୍ଠରପାଳ**

■ମା' ଲୋଭୀଙ୍କ ଯାତ୍ରା ଅବସରରେ ଶୋଭାଯାତ୍ରା
ସ୍ଥାନ– ଗଡ଼ସନ୍ତ୍ରୀ
ସମୟ– ମଧ୍ୟାହ୍ନ ୧୨ ଘଣ୍ଟିକା।

■ଦଣ୍ଡନୃତ୍ୟ କାର୍ଯ୍ୟକ୍ରମ
ସ୍ଥାନ– ତୁଳସୀପାଳ
ସମୟ– ରାତ୍ର ୮ ଘଣ୍ଟିକା।

## ସଂକ୍ଷେପରେ

### ଜଳିଗଲା ଚଳନ୍ତା ଟ୍ରକ୍



ପାଲଲହଡା,୧୧।୧୧(ଡି.ଏନ.ଏ.)- ଅନୁଗୋଳ ଜିଲା ପାଲଲହଡା ଥାନା ନଗିରା ଘାଟିରେ ସୋମବାର ଏକ ଟ୍ରକ୍ (ନଂ.ଓଡି୦୯ଏଜେ-୪୨୪୪) କୌଣସି କାରଣରୁ ଜଳିଯାଇଛି। ପୋଲିସ କହିଛି, ଅପରାହ୍ନ ୪ଟାରେ ପାଲଲହଡାରୁ ନଗିରା ଦେଇ କେନ୍ଦୁଝର ଜିଲାକୁ ଯାଉଥିବା ଉକ୍ତ ଟ୍ରକ୍‌ରୁ ହଠାତ ଧୂଆଁ ବାହାରିଥିଲା। ପରେ ନିଆଁ ବାହାରିବା ଦେଖି ଚାଳକ ଲକ୍ଷ୍ମୀଧର ମହନ୍ତ ଗାଡିକୁ ରଖିଦେଇ ଡେଇଁ ପଡ଼ିଥିଲେ। କିଛି ସମୟ ମଧ୍ୟରେ ଟ୍ରକ୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଖବରପାଇ ପାଲଲହଡା ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ତଦନ୍ତ ଅଧିକାରୀ ଅଧିକାରୀ ଆଶିଷ କୁମାର ଦାସ ସୂଚନା ଦେଇଛନ୍ତି।

### ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା ଟ୍ରକ୍

ଅନୁଗୋଳ ଅଫିସ, ୧୧।୧୧- ଅନୁଗୋଳ ସହର ଉପକଣ୍ଠ କାଲଟାକ୍ସ ଛକରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଟ୍ରକ୍ ଧକ୍କା ଦେବାରୁ ସୋମବାର ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଯାଇଥିଲା। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଛତିଶଗଡ଼ରୁ ଉକ୍ତ ଟ୍ରକ୍ (ନଂ. ଓଡି୦୯ଡି-୧୯୯୧)ମାଲ ନେଇ ନାଲ୍‌କୋ ଅଭିମୁଖେ ଯାତ୍ରା କରୁଥିଲା। ପୂର୍ବାହ୍ନ ୧୧ଟାରେ ଚାଳକଙ୍କ ଆଖି ଲାଗିଯିବାରୁ ଏହି ଦୁର୍ଘଟଣା ଘଟିଥିଲା। ଫଳରେ ବିଦ୍ୟୁତ ଖୁଣ୍ଟ ଅଧାଭଙ୍ଗା ଅବସ୍ଥାରେ ରହିବା ସହ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଥିଲା। ଅଞ୍ଚଳବାସୀ ବିଦ୍ୟୁତ୍ ବିଭାଗକୁ ଯୋଗାଯୋଗ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ସେମାନେ କହିଛନ୍ତି। ପରେ ପୋଲିସ ପହଞ୍ଚି ଟ୍ରକ୍‌ଟିକୁ ଅଟକ ରଖି ତଦନ୍ତ କରୁଛି।

### ଦୁର୍ଘଟଣାରେ ମା' ପୁଅ ଗୁରୁତର

ବଣ୍ଠରପାଳ, ୧୧।୧୧ (ଡି.ଏନ୍.ଏ.)- ବଣ୍ଠରପାଳ ଥାନା ନୂଆହତା ରାସ୍ତା ନିକଟରେ ସୋମବାର ଅପରାହ୍ନରେ ବାଇକ୍‌ରୁ ପଡ଼ି ମା ଓ ପୁଅ ଗୁରୁତର ହୋଇଛନ୍ତି। ଏକ ବାଇକ୍ ଯୋଗେ ସେମାନେ ବଣ୍ଠରପାଳରୁ ଗଡ଼ସନ୍ତ୍ରୀ ଆଡ଼କୁ ଯାଉଥିଲେ। ମାତ୍ର ନୂଆହତା ଠାରେ ଭାରସ୍ୟାମ ହରାଇ ରାସ୍ତାରେ ଛିଟିକି ପଡ଼ିଥିଲେ। ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

### ୩୩୦ ଦୋକାନୀଙ୍କୁ ଡିମାଣ୍ଡ ନୋଟିସ୍, ଅସନ୍ତୋଷ

ଅନୁଗୋଳ ଅଫିସ, ୧୧।୧୧- ଅନୁଗୋଳ ପୌରପାଳିକା ଅଧୀନରେ ଥିବା ଦୋକାନ ଘର ଗୁଡ଼ିକର ଭଡ଼ା ବୃଦ୍ଧି କରାଯିବ। ଏ ନେଇ ସୋମବାର ଠାରୁ ପୌରପାଳିକା ପକ୍ଷରୁ ଡିମାଣ୍ଡ ନୋଟିସ୍ ବଣ୍ଟନ କରାଯାଇଛି। ଏହି ବର୍ଦ୍ଧିତ ଦର ନଭେମ୍ବର ୧ ତାରିଖରୁ ଲାଗୁ କରାଯାଇଥିବା ପୌରପାଳିକା ପକ୍ଷରୁ ପ୍ରଦାନ ହୋଇଥିବା ଡିମାଣ୍ଡ ନୋଟିସ୍‌ରେ ଉଲ୍ଲେଖ ରହିଛି। ପୌରପାଳିକା ଅଧୀନରେ ଥିବା ବସ୍‌ଷ୍ଟାଣ୍ଡ, ସଞ୍ଜୀବନି ମାର୍କେଟ ସହ ମୋଟ ୩୩୦ଟି ଦୋକାନୀଙ୍କୁ ଏହା ପ୍ରଦାନ କରାଯାଇଛି। ତେବେ କଲେଜ ଛକ, ଅମଲାପଡ଼ା, ଶିମିଳିପଡ଼ା, ଡେଲି ମାର୍କେଟରେ ନୋଟିସ୍ ପ୍ରଦାନ କରାଯାଇ ନାହିଁ। ସୂଚନାଯୋଗ୍ୟ ଯେ, ପୌରପାଳିକା ପକ୍ଷରୁ ମୋଟ୍ ୮୦୭ଟି ଘରର ଭଡ଼ା ବୃଦ୍ଧି କରାଯିବ। ପ୍ରାଥମିକ ଭାବେ ୩୩୦ ଦୋକାନୀଙ୍କୁ ନୋଟିସ୍ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଦୋକାନ ଗୁଡ଼ିକୁ ଏହା ପ୍ରଦାନ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଏହାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

■ଜିଲା ଖଣିଜ ପାଣ୍ଠି ସପ୍ତମ ବୋର୍ଡ ଅଫ୍ ଟ୍ରଷ୍ଟି ବୈଠକ

# ଅଧାପନ୍ତରିଆ କାର୍ଯ୍ୟ ନେଇ ଅସନ୍ତୋଷ

ଅନୁଗୋଳ ଅଫିସ, ୧୧।୧୧



ବୈଠକରେ ଯୋଗଦେଇଥିବା ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

ଖଣି ପ୍ରଭାବିତ ଅଞ୍ଚଳର ଲୋକଙ୍କ ବିକାଶ ଓ କଲ୍ୟାଣ ପାଇଁ ଜିଲା ଖଣିଜ ପାଣ୍ଠିର ସପ୍ତମ ବୋର୍ଡ ଅଫ୍ ଟ୍ରଷ୍ଟି ବୈଠକ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭାଗୃହଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଜିଲା ଖଣିଜ ପାଣ୍ଠିରୁ ନିୟମାବଳୀ ଆଧାରରେ ବିଭିନ୍ନ ପ୍ରକଳ୍ପ ପାଇଁ ଦିଆଯାଇଥିବା ଅନୁଦାନ ଖର୍ଚ୍ଚ କରିବା ସହ ଚଳିତ ବର୍ଷ ପାଇଁ ଏକ ଲୋକାଭିମୁଖୀ ଯୋଜନା ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ପୂର୍ବ ବୈଠକର ନିଷ୍ପତ୍ତି ଅନୁଯାୟୀ ହୋଇଥିବା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ନ ଥିବାରୁ ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

୨୦୧୫ ମସିହାରୁ ଜିଲାରେ କାର୍ଯ୍ୟକାରୀ ହେଉଥିବା ଜିଲା ଖଣିଜ ପାଣ୍ଠି ଯୋଜନାରେ ବିଭିନ୍ନ ବିଭାଗକୁ ଦିଆଯାଇଥିବା ଅର୍ଥର ସୁବିନିଯୋଗ ଉପରେ ଢେଙ୍କାନାଳ ଏମ୍‌ପି ଗୁରୁତ୍ୱାରୋପ କରିଥିଲେ। ଜିଲାର ସାମୂହିକ ବିକାଶ ଓ ଲୋକମାନଙ୍କ ହିତରେ ବିଭିନ୍ନ ପ୍ରକଳ୍ପ ଜରିଆରେ ଅର୍ଥ ଖର୍ଚ୍ଚ କରିବାକୁ ଏମ୍‌ପି ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ସେହିପରି ଜିଲା ଖଣିଜ ପାଣ୍ଠିରେ ଜଳ ଯୋଗାଣ ପ୍ରକଳ୍ପ ବାବଦରେ ମଞ୍ଜୁର ହୋଇଥିବା ଅନୁଦାନ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ସମ୍ବଲପୁର ଏମ୍‌ପି ପରାମର୍ଶ ଦେଇଥିଲେ। ଜିଲା ଖଣିଜ ପାଣ୍ଠିର ସୁବିନିଯୋଗ କରି ଖଣି ପ୍ରଭାବିତ ଅଞ୍ଚଳର ଲୋକଙ୍କ ପାଖରେ ବିଭିନ୍ନ ସେବା ପହଞ୍ଚାଇବା ଉପରେ ତାଳଚେର ବିଧାୟକ ଗୁରୁତ୍ୱାରୋପ କରିଥିଲେ। ରାସ୍ତା, ପାନୀୟ ଜଳ ଓ ବିଦ୍ୟୁତ୍ ସେବା ଭଳି ଅତ୍ୟାବଶ୍ୟକ ସେବା ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରିବାକୁ ଛେଣ୍ଡିପଦା ବିଧାୟକ ମତବ୍ୟକ୍ତ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଜିଲା ଖଣିଜ ପାଣ୍ଠିରୁ ମଞ୍ଜୁର ହୋଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲା ଖଣିଜ ପାଣ୍ଠିରେ ବର୍ତ୍ତମାନ ସୁଦ୍ଧା ୧୨୦୮.୪୨ କୋଟି ଟଙ୍କା ସଂଗ୍ରହ ହୋଇଛି। ସେଥିମଧ୍ୟରୁ ମୋଟ ୧୦୯୮.୯୯ କୋଟି ଟଙ୍କା ବିଭିନ୍ନ ପ୍ରକଳ୍ପ ବାବଦରେ ମଞ୍ଜୁର ହୋଇଛି। ଏଥିରେ ଉଚ୍ଚ ଅଗ୍ରାଧିକାର ସେକ୍ଟରରେ ୧୮୧୪ଟି ପ୍ରକଳ୍ପ ଓ ଅନ୍ୟାନ୍ୟ ଅଗ୍ରାଧିକାର ସେକ୍ଟରରେ ୧୧୦୪ଟି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ବର୍ତ୍ତମାନ ସୁଦ୍ଧା ୧୬୨୭ଟି ପ୍ରକଳ୍ପ ଶେଷ ହୋଇଥିବାବେଳେ ୭୫୨ଟି ଚାଲୁ ରହିଛି ଓ ୫୪୨ଟି କାର୍ଯ୍ୟ ଆରମ୍ଭ ହୋଇନାହିଁ। ଜିଲା ଖଣିଜ ପାଣ୍ଠିରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ମା ଓ ଶିଶୁ ବିକାଶ, ବୟସ୍କ ଓ ଅକର୍ମଣ୍ୟମାନଙ୍କ ସହାୟତା, ଦକ୍ଷତା ବିକାଶ, ଜଳ ସେଚନ, ଶକ୍ତି ଓ ବୃକ୍ଷରୋପଣ ଆଦି ସେକ୍ଟର ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସେ ସୂଚନା ପ୍ରଦାନ କରିଥିଲେ। ତାଳଚେର ଓ ବଣ୍ଠରପାଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ଜିଲାର ୨ଟି ପୌରପାଳିକାରେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଏହାଛଡ଼ା ସମସ୍ତ ବ୍ଲକର ଆଦର୍ଶ ବିଦ୍ୟାଳୟ ଓ ବସ୍‌ଷ୍ଟାଣ୍ଡରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ କରିବାକୁ ସ୍ଥିର କରାଯାଇଥିଲା। ବିଭିନ୍ନ ବିଭାଗକୁ ଦିଆଯାଇଥିବା ଅର୍ଥ ଓ ସମୁଦାୟ ଖର୍ଚ୍ଚ ତଥା ବଳକା ଥିବା ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ବି ସମୀକ୍ଷା କରାଯାଇଥିଲା। ବିଭାଗ ଗୁଡ଼ିକୁ ପ୍ରଦାନ କରାଯାଇଥିବା ଅନୁଦାନ ଜାନୁୟାରୀ ସୁଦ୍ଧା ଖର୍ଚ୍ଚ କରି ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନୁଗୋଳ ମହିଳା ମହାବିଦ୍ୟାଳୟର ଭିତ୍ତିଭୂମି ଉନ୍ନୟନ ପାଇଁ ୧.୮୧ କୋଟି ଟଙ୍କା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ସେହିପରି ବନ ବିଭାଗ ଦ୍ୱାରା ଜିଲାର ୬ଟି ସ୍ଥାନରେ ୫୬ ହଜାର ଚାରାରୋପଣ କରାଯାଇଛି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ଖଣି ପ୍ରଭାବିତ ଅଞ୍ଚଳର ବୃଦ୍ଧାବୃଦ୍ଧମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ସହ ନବମ ଶ୍ରେଣୀ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଚାଲୁ କରବା ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ସ୍ଥାନୀୟ ନିର୍ବାଚିତ ଲୋକ ପ୍ରତିନିଧି ଓ ଜିଲା ଖଣିଜ ପାଣ୍ଠିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଦେଶୀ ମହୁଲି ମଦ ଜବତ, ଜଣେ ଗିରଫ

ବନ୍ତଳା,୧୧।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଳା ଥାନା ଖାଲଙ୍ଗା–ବନ୍ଦାଣପଶି ରାସ୍ତାରେ ମଙ୍ଗଳବାର ସକାଳେ ପୋଲିସ ଚଢାଉ କରି ଏକ ସ୍କର୍ପିଓ (ନଂ.ଓଆର ୦୨ ଏଏ– ୦୫୮୬)ରୁ ୧୦୦ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଏହି ଘଟଣାରେ ବନ୍ଦାଣପଶି ଗ୍ରାମର ବିରଞ୍ଚି ସାହୁ(୩୯)ଙ୍କୁ ଗିରଫ କରାଯାଇଛି। ତେବେ ଘଟଣାସ୍ଥଳରୁ ମୁଖ୍ୟ ବ୍ୟବସାୟୀ ଫେରାର ହୋଇଯାଇଛନ୍ତି। ପୋଲିସ କହିଛି, ବେଆଇନ ଭାବେ ଉକ୍ତ ସ୍କର୍ପିଓରେ ମଦ ଚାଲାଣ ହେଉଥିବା ଖବରପାଇ ବନ୍ତଳା ଥାନା ଆଇଆଇସି ଗୀତାଞ୍ଜଳି ସାହୁଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ବି.ଏନ୍. ସାହୁ, ଏସ୍. ବି. ଥେମେରିଆଙ୍କ ସମେତ ପୋଲିସ ଫୋର୍ସ ବନ୍ଦାଣପଶି ଶୁଣ୍ଢି ସାହି ନିକଟରେ ଚଢାଉ କରିଥିଲେ। ପୋଲିସ ନଂ. ୨୧୮/୧୯ ରେ ଏକ ମାମଲା ରୁଜୁ କରି ବିରଞ୍ଚିଙ୍କୁ କୋର୍ଟଚାଲାଣ କରିଛି। ଦୀର୍ଘବର୍ଷ ଧରି ପରଜଙ୍ଗ ଅଞ୍ଚଳର ଜଣେ ମଦ ମାଫିଆ ଉକ୍ତ ସ୍କର୍ପିଓରେ ବନ୍ତଳା ଅଞ୍ଚଳରେ ବେଆଇନ ମଦ ବେପାର କରୁଥିଲେ। ବିରଞ୍ଚି ହେଉଛନ୍ତି ତାଙ୍କର ସାଥି ବ୍ୟବସାୟୀ। ପୋଲିସ ଦୀର୍ଘବର୍ଷ ଧରି ଉକ୍ତ ମଦ ବେପାରୀଙ୍କୁ ଧରିବା ପାଇଁ ଜାଲ ବିଛାଇ ଥିଲା ବୋଲି ଆଇଆଇସି ପ୍ରକାଶ କରିଛନ୍ତି।

## କାର୍ତ୍ତିକେଶ୍ୱର ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ବଇଣ୍ଡା,୧୧।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଛକ ବିକାଶ ପରିଷଦ ପକ୍ଷରୁ ବଇଣ୍ଡା ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହେଉଛି। ଏହି ଅବସରରେ ରବିବାର ସନ୍ଧ୍ୟାରେ ପ୍ରଥମ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବଇଣ୍ଡା ଜନତା କଲେଜ ଅଧ୍ୟକ୍ଷ ସିଦ୍ଧାର୍ଥ ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପଶୁ ଡାକ୍ତର ମନୋରଞ୍ଜନ ରାଉତ, ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଯୋଗ ଦେଇଥିଲେ। ଏଥିରେ ୧୫ଟି ଗ୍ରୁପ୍‌ରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷାବିତ୍ ନରେନ୍ଦ୍ର ବେହେରା, ରମେଶଚନ୍ଦ୍ର ମିଶ୍ର, ପ୍ରେମଲତା ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ। ଜିତେନ୍ଦ୍ର କୁମାର ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ଲକ୍ଷ୍ମଣ ଦାସ, ସନ୍ତୋଷ ସାହୁ, ସଞ୍ଜୟ ସାହୁ, ରାଜା ଶର୍ମା, ମନୋଜ ଶଙ୍ଖାରୀ ପ୍ରମୁଖ ସହଯୋଗ କରିଥିଲେ।

## ଗଣ୍ଡଗୋଳ କରି ପୂଜକ ଗିରଫ

କଣିହାଁ,୧୧।୧୧(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳିସ୍ଥିତ ପାୱାର ଗ୍ରୀଡ୍ କର୍ପୋରେଶନ ଇଣ୍ଡିଆ ଫାଟକ ସମ୍ମୁଖରେ ରବିବାର ରାତିରେ ଗଣ୍ଡଗୋଳ ହୋଇଥିଲା। ଅଭିଯୋଗକୁ ନେଇ ରେଙ୍ଗାଳି ଥାନା ପୋଲିସ ମନ୍ଦିରର ପୂର୍ବତନ ପୂଜକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ପୋଲିସ କହିଛି, ପାୱାର ଗ୍ରୀଡ୍ ଷ୍ଟେଶନ ଓ କଲୋନୀ ପ୍ରବେଶ ଦ୍ୱାର ସମ୍ମୁଖରେ ଏକ ଶିବ ମନ୍ଦିର ରହିଛି। ପୂଜକ ଭରତ ଚନ୍ଦ୍ର ପଣ୍ଡା ଅନେକ ସମୟରେ ନିଶାଗ୍ରସ୍ତ ହୋଇ ଶ୍ରଦ୍ଧାଳୁଙ୍କୁ ବିଶୃଙ୍ଖଳିତ ଆଚରଣ କରୁଥିଲେ। ତେଣୁ ତାଙ୍କୁ କାର୍ଯ୍ୟରୁ ବାହାର କରାଯାଇଥିଲା। ଏହାକୁ ନେଇ ସେ ରବିବାର ଶ୍ରଦ୍ଧାଳୁ, କଲୋନୀ ବାସିନ୍ଦାଙ୍କୁ ଗାଳିଗୁଲଜ ଓ ସୁରକ୍ଷା କର୍ମୀଙ୍କ ସହିତ ଗଣ୍ଡଗୋଳ କରିଥିଲେ। ସୁରକ୍ଷା ସଂସ୍ଥାର ସୁପରଭାଇଜର ସୁରେଶ ନାଥଙ୍କ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ନଂ. ୧୪୩/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ସୋମବାର ଅଭିଯୁକ୍ତ ଭରତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

## ଜମି ବଣ୍ଟନକୁ ନେଇ ଜିଲାପାଳଙ୍କୁ ଅଭିଯୋଗ



ଜିଲାପାଳଙ୍କ ନିକଟରେ ଫେରାଦ ହେବାକୁ ଆସିଥିବା ବେଡ଼ାସର ଗ୍ରାମବାସୀ।

ଅନୁଗୋଳ ଅଫିସ, ୧୧।୧୧

ବଣ୍ଠରପାଳ ବ୍ଲକ ବେଡ଼ାସର ଗ୍ରାମର ଅତ୍ୟାବଶ୍ୟକ ଜମିକୁ ଚଞ୍ଚକତା କରାଯାଇ ଭୂମିହୀନଙ୍କୁ ବାଣ୍ଟିବା ପାଇଁ ଚିହ୍ନଟ କରାଯାଇଥିବା ନେଇ ଗ୍ରାମର ମହିଳା ଓ ପୁରୁଷମାନେ ସୋମବାର ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ଜମି ବଣ୍ଟନ କାର୍ଯ୍ୟକୁ ତୁରନ୍ତ ରୋକା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଗ୍ରାମବାସୀ ଗଙ୍ଗାଧର ସାହୁ, ରାକେଶ କୁମାର ସାହୁ, ଦିବ୍ୟରଞ୍ଜନ ପ୍ରଧାନ, ରାମ ସାହୁ, ସୌଭାଗ୍ୟ ସାହୁ, ତୁଷାରକାନ୍ତ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, କେତେଜଣ ଭୂମିହୀନଙ୍କୁ ଘରଡ଼ିହ ଦେବାକୁ ଯାଇ ପ୍ରଶାସନ ଗ୍ରାମର ଅତି ଆବଶ୍ୟକୀୟ ଜମିକୁ ଟେକି ଦେବାକୁ ବସିଛି। ଏହି ଜମି ପଟେ ବେଡ଼ାସର ଓ ମୁକୁନ୍ଦପୁର ଗ୍ରାମବାସୀ ଯାତାୟତ କରୁଛନ୍ତି। ଏହି ଜମି ଉପରେ ବେଡ଼ାସରକୁ ୧୧ କେଭି ବିଦ୍ୟୁତ୍ ମଧ ଯାଇଛି। ସ୍ଥାନୀୟ ନଦୀ ପଠାକୁ ଲାଗିଥିବାରୁ ଏହି ଜମି ଉପରେ ଗ୍ରାମବାସୀ ନିର୍ଭରଶୀଳ। ପୂର୍ବରୁ ଏ ନେଇ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏବେ ମାମଲା ବିଚାରାଧୀନ ଥିବାବେଳେ ଆର୍‌ଆଇ ସେହି ଜମିକୁ ବଣ୍ଟନ ନିମନ୍ତେ ଚିହ୍ନଟ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଶତାଧିକ ଲୋକଙ୍କ ସହ ଗ୍ରାମର ୮ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।

■୩୪ ତମ ବୋଇତ ବନ୍ଦାଣ ମହୋତ୍ସବର ତୃତୀୟ ଦିବସ

## ନୃତ୍ୟ, ସଙ୍ଗୀତରେ କମ୍ପିଲା ସଭାଘର




ଅନୁଗୋଳ ଅଫିସ, ୧୧।୧୧

ସେବା ଓ ସାଂସ୍କୃତିକ ଅନୁଷ୍ଠାନ କଳାକାର ପକ୍ଷରୁ ଆୟୋଜିତ ୩୪ତମ ବୋଇତ ବନ୍ଦାଣ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସୋମବାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁନି କଣ୍ଠଶିଳ୍ପୀଙ୍କ ସୁମଧୁର ଗୀତ ସହ ସନ୍ଧ୍ୟାରେ ଅନୁଷ୍ଠିତ ଏକକ ନୃତ୍ୟ ପ୍ରତିଯୋଗିତାରେ ସ୍ଥାନୀୟ ସଭାଘର ପ୍ରକମ୍ପିତ ହୋଇଉଠିଥିଲା। ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମା ତଥା ବୋଇତ ବନ୍ଦାଣ ମହୋତ୍ସବର ଉଦ୍‌ଯାପନ ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଉଦ୍‌ଯାପନୀ ସନ୍ଧ୍ୟାରେ ବୋଇତ ବନ୍ଦାଣ ନୃତ୍ୟ ନାଟିକା ପରିବେଷଣ ସହ ଜିଲାର କଳାସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେତେଜଣ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ। ସେହିପରି ଉଦ୍‌ଯାପନୀ ଦିବସରେ 'କଳାକାର'ର ଯୁବକଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ହେବ ହାସ୍ୟରସାତ୍ମକ ନାଟକ ହାଏରେ ବିଧାତା। ନାଟକର ରଚନା କିଶଳୟ ଶତପଥୀ କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଦେବବ୍ରତ ପଟ୍ଟନାୟକ (ରନି)। ସଦସ୍ୟ ପ୍ରଫୁଲ୍ଲ, ଅଜୟ, ନିର୍ମଳ, ଜୟନ୍ତ, ସଞ୍ଜୀବ, ସୋନୁ, ଗୋପୁ, ପିନାକୀ, ନିରୋଦ, ଅନିଲ, ବିଷ୍ଣୁ ଓ ଶିଶୁ କଳାକାର ଭାବେ ଅଭିନ୍ନ ଅଭିନୟ କରିବେ। କିଭଳି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପାଠୁଆ, ଅପାଠୁଆ, ଧନୀ, ଗରିବ, ନେତା, ମନ୍ତ୍ରୀ ସମସ୍ତେ ଦେବତା ବିଶ୍ୱାସୀ ହେଉଛନ୍ତି ତାହାର ଉଦାହରଣ ଦେବ ହାଏରେ ବିଧାତା। ଏଥିସହ ସୁପ୍ରସିଦ୍ଧ ଗାୟିକା ଗୀତା ପଟ୍ଟନାୟକ ସଙ୍ଗୀତ ପରିବେଷଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

■ମୌଳିକ ସୁବିଧା କଥା ବୁଝିଲାନି ପ୍ରଶାସନ

## ହଷ୍ଟେଲ ଛାଡ଼ିଲେ ୧୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ଛାତ୍ରୀ

ପାଲଲହଡା,୧୧।୧୧(ଡି.ଏନ.ଏ.)



ହଷ୍ଟେଲ ଛାଡ଼ିଥିବା ଆଦିବାସୀ ଛାତ୍ରୀମାନେ।

ଅନୁଗୋଳ ଜିଲା ପାଲଲହଡା ବ୍ଲକ ନଗିରା ପଞ୍ଚାୟତରେ ଥିବା ସିବିଡା ଶିକ୍ଷା ନିକେତନର ୧୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ଛାତ୍ରୀ ଦୀର୍ଘଦିନରୁ ଲାଗି ରହିଥିବା ଅବ୍ୟବସ୍ଥା ପାଇଁ ସୋମବାର ହଷ୍ଟେଲ ଛାଡିଛନ୍ତି। ବାରମ୍ବାର ଦାବି ପରେ ବି ପ୍ରଶାସନ ମୌଳିକ ସୁବିଧା ସମ୍ପର୍କରେ କିଛି ନ ବୁଝିବାରୁ ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ସାଥିରେ ନେଇ ଯାଇଥିବା ଜଣାପଡ଼ିଛି।

ଅଭିଭାବକମାନେ ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ଆଦିବାସୀ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଏହି ବିଦ୍ୟାଳୟର ପରିଚାଳନା ଦାୟିତ୍ୱ ପାଉଡିଭୁୟାଁ ଉନ୍ନୟନ ସଂସ୍ଥାକୁ ଦିଆଯାଇଛି। ଏଠାରେ ଥିବା ସ୍ୱତନ୍ତ୍ର ଅଧିକାରୀ ଛାତ୍ରୀମାନଙ୍କ କୌଣସି ସୁବିଧା ଅସୁବିଧା କଥା ବୁଝୁ ନାହାନ୍ତି। ଦୀର୍ଘଦିନରୁ ଏହି ଶିକ୍ଷା ନିକେତନରେ ମୌଳିକ ସୁବିଧା ପାଇବା ପାଇଁ ଅନ୍ତେବାସୀମାନେ ବାରମ୍ବାର ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପାଖରେ ଅଭିଯୋଗ କରି ଆସୁଥିଲେ। ହେଲେ କୌଣସି ସୁଫଳ ମିଳୁ ନ ଥିଲା। ଏହାର ପ୍ରତିବାଦରେ ସୋମବାର ୫ ଦଫା ଦାବିରେ ଅଭିଭାବକମାନେ ବିଦ୍ୟାଳୟ ନିକଟରେ ଏକଜୁଟ ହୋଇ ଏକ ବୈଠକ କରିଥିଲେ। ଯେ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇ ନାହିଁ ସେ ପର୍ଯ୍ୟନ୍ତ ହଷ୍ଟେଲରେ ଛାତ୍ରୀମାନଙ୍କୁ ଛାଡ଼ିବେ ନାହିଁ ବୋଲି ଅଭିଭାବକମାନେ ନିଷ୍ପତ୍ତି ନେଇ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ନିଜ ସାଙ୍ଗରେ ନେଇ ଯାଇଛନ୍ତି।

ବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଆବଶ୍ୟକ ଶୌଚାଳୟ ନାହିଁ। ନିମ୍ନମାନର ଖାଦ୍ୟ ଯୋଗାଣ କରାଯାଉଛି। ତେଣୁ ଏଥିପ୍ରତି ଧ୍ୟାନଦେବା ସହ ଅନ୍ତେବାସୀଙ୍କ ପାଇଁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା, ପ୍ରଥମରୁ ଯୁକ୍ତ ୨ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ପାଇଁ ଗତ ଅଭିଭାବକ ମିଟିଂରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ପାଲଲହଡା ଠାରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା। କିନ୍ତୁ କୌଣସି ସୁଫଳ ମିଳି ନ ଥିବା ଅଭିଭାବକମାନେ କହିଛନ୍ତି। ଖବରପାଇ ପାଲଲହଡା ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ ବିଦ୍ୟାଳୟକୁ ଯାଇ ବୁଝାଶୁଝା କରିଥିଲେ ବି ଅଭିଭାବକମାନେ ବୁଝି ନ ଥିଲେ। ଅନ୍ତେବାସୀଙ୍କ ପାଇଁ ଥିବା ଶୌଚାଳୟ ଗୁଡିକ କାମ କରୁ ନ ଥିବାରୁ ଛାତ୍ରୀମାନେ ଶୌଚ ପାଇଁ ସ୍ଥାନୀୟ ଜଙ୍ଗଲକୁ ଯାଉଛନ୍ତି। ସେହିପରି ସ୍ୱାସ୍ଥ୍ୟ ଖରାପ ହେଲେ କୌଣସି ଚିକିତ୍ସା ବ୍ୟବସ୍ଥା କରାଯାଉ ନ ଥିବା ସ୍ଥାନୀୟ ସମିତି ସଭ୍ୟା ସ୍ୱର୍ଣ୍ଣମୟୀ ପ୍ରଧାନ ଅଭିଯୋଗ କରିଛନ୍ତି। ଏ ନେଇ ପିବିଡିଏର ମୁଖ୍ୟ ତଥା ଉପଜିଲାପାଳ ଅଜିତ କୁମାର ପ୍ରଧାନ କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ଅଛି। ମଙ୍ଗଳବାର ବିଦ୍ୟାଳୟକୁ ଯାଇ ତଦନ୍ତ କରିବି। ଏଥିସହିତ ଛାତ୍ରୀଙ୍କୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରାଯିବ। ଅଭିଭାବକମାନଙ୍କ ସହ ସ୍ଥାନୀୟ ସରପଞ୍ଚ ପିତନ ବାରିକ, ବରଡ଼ିହ ସରପଞ୍ଚ ଧନମତି ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**କାମାକ୍ଷାନଗର, ୧୧।୧୧(ଡି.ଏନ.ଏ):** କଙ୍କଡ଼ାହାଡ଼ ଥାନା କନ୍ଧରା ଗ୍ରାମର ନିରଞ୍ଜନ ସିଂ (୩୦)ଙ୍କ ମୃତଦେହ ସୋମବାର ଅପରାହ୍ନରେ ସନ୍ଦେହଜନକ ଅବସ୍ଥାରେ ଏକ ଦୋକାନ ପଛପଟୁ ଉଦ୍ଧାର କରାଯାଇଛି। ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ନିରଞ୍ଜନ ସକାଳେ କଙ୍କଡାହାଡ଼ ଯାଇଥିଲେ। ଅପରାହ୍ନରେ ତାଙ୍କ ମୃତଦେହ ଗ୍ରାମରୁ ଠାବ କରାଯାଇଥିଲା। ଏ ନେଇ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା କୁହନ୍ତି, ପ୍ରାଥମିକ ତଦନ୍ତରୁ ଏହା ଏକ ଅପମୃତ୍ୟୁ ବୋଲି ସୂଚନା ମିଳୁଛି। ମୃତଦେହ ଜବତ କରାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ। ରିପୋର୍ଟ ଆସିବା ପରେ ଏହା ଏକ ହତ୍ୟାକାଣ୍ଡ କି ନୁହେଁ ତାହା ସ୍ପଷ୍ଟ ହେବ।

### ଅନାସ୍ଥାରେ ରାଇତଳା ସରପଞ୍ଚ ବିଜୟୀ



**ଢେଙ୍କାନାଳ ଅଫିସ, ୧୧।୧୧:** କୋରମ ଅଭାବରୁ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ରାଇତଳା ସରପଞ୍ଚ କଲ୍ୟାଣୀ ମିଶ୍ରଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଛି। ବିରୋଧୀ ଗୋଷ୍ଠୀ ପକ୍ଷରୁ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଥିଲା। ପ୍ରଶାସନ ପକ୍ଷରୁ ସୋମବାର ଅନାସ୍ଥା ଭୋଟ ଲାଗି ଦିନ ଧାର୍ଯ୍ୟ ହୋଇଥିଲା। କୋରମ୍ ପାଇଁ ୧୧ ଜଣ ସଭ୍ୟ ଉପସ୍ଥିତ ରହିବା ଆବଶ୍ୟକ ଥିବାବେଳେ ମାତ୍ର ୧୦ ଜଣ ଆସିଥିଲେ। ଏହାପରେ ସରପଞ୍ଚଙ୍କୁ ବିଜୟୀ ଘୋଷଣା କରାଯାଇଛି। ନିର୍ବାଚନ ଅଧିକାରୀ ଭାବେ ତହସିଲଦାର ମୋନାଲିସା ଦେବତା, ଅତିରିକ୍ତ ତହସିଲଦାର ସୁଶାନ୍ତ ମିଶ୍ର, ଥାନାଧିକାରୀ ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### କୁଲେଇରେ ତେଜିଲା ମଦବିରୋଧୀ ଅଭିଯାନ

**ପରଜଙ୍ଗ, ୧୧।୧୧(ଡି.ଏନ୍.ଏ.):** ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ଗେଙ୍ଗୁଟିଆ ପଞ୍ଚାୟତ କୁଲେଇ ଗ୍ରାମରେ ମଦ ବିରୋଧୀ ଅଭିଯାନ ତେଜିଛି। ସ୍ଥାନୀୟ ସାତସାହି ମା'ମଙ୍ଗଳା ମଦ ବିରୋଧୀ ମହିଳା ସଂଘର କର୍ମକର୍ତ୍ତାମାନେ ଗ୍ରାମରେ ବେଆଇନ ମଦ ବିକ୍ରିକୁ ତୀବ୍ର ବିରୋଧ କରିଛନ୍ତି। ଏହାକୁ ନେଇ ସୋମବାର ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମ ପରିବେଶକୁ ମଦ ଅଶାନ୍ତ କରିଦେଉଛି। ଏହାକୁ ନେଇ ବାରମ୍ବାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ମଦ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବାରମ୍ବାର ତାଗିଦ କରାଯିବା ସତ୍ତ୍ୱେ କେହି ମାନୁନାହାନ୍ତି। ସୋମବାର ସଂଘ ସଭାନେତ୍ରୀ ମିନତି କଅଁର, ସମ୍ପାଦିକା ସୁମିତ୍ରା ଜେନା, ସଞ୍ଜୁ ଜେନା, ବିପିନ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା ଗ୍ରାମରେ ହେଉଥିବା ମଦ କାରବାର ବନ୍ଦ କରିବାକୁ ଅଣ୍ଟା ଭିଡ଼ିଥିଲେ। ସେମାନେ ଏକାଠି ହୋଇ ଆଉ ମଦ ବିକ୍ରି ନ କରିବାକୁ ବ୍ୟବସାୟୀଙ୍କୁ ତାଗିଦ୍ କରିଛନ୍ତି। ଏହାକୁ ନ ମାନିଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ଟ୍ରକ୍-ବାଇକ୍ ଧକ୍କା, ଜଣେ ଗୁରୁତର

**କାମାକ୍ଷାନଗର, ୧୧।୧୧(ଡି.ଏନ୍.ଏ.):** କଙ୍କଡାହାଡ଼ ଥାନା ତଣ୍ଡିମୁଣ୍ଡା ନିକଟରେ ସୋମବାର ଅପରାହ୍ନରେ ଏକ ଇଟା ବୋଝେଇ ଟ୍ରକ୍ ଏବଂ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ମଠକରଗୋଳା ପଞ୍ଚାୟତ ଟାଙ୍ଗରପଡ଼ା ଗ୍ରାମର ବାଇକ୍ ଆରୋହୀ କନିଷ୍କ ସିଂ (୨୭) ଗୁରୁତର ହୋଇଛନ୍ତି। ସେ କାମାକ୍ଷାନଗର ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

■ସପ୍ତଶଯ୍ୟା ମହୋତ୍ସବ ଉଦ୍‌ଯାପିତ

# 'ନୃତ୍ୟସଙ୍ଗୀତରେ ନୂତନତା ଲୋଡ଼ା'



ଉଦ୍‌ଯାପନୀ ସମାରୋହରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୧।୧୧**

ଚାହିଦାକୁ ନେଇ ନୃତ୍ୟସଙ୍ଗୀତରେ ନୂତନତା ଆଣିଲେ କଳା ଆଗକୁ ବଢ଼ିବ ବୋଲି କହିଛନ୍ତି ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ। ଢେଙ୍କାନାଳ ଦେବାଂଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା 'ସପ୍ତଶଯ୍ୟା ମହୋତ୍ସବ'ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ରାଜ୍ୟରେ ୪୧୭ ପ୍ରକାର ଲୋକକଳା ରହିଛି। କଳାର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବହୁ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। କଳାକାରଙ୍କୁ ପ୍ରୋତ୍ସାହିତ କରିବାକୁ ସରକାରୀସ୍ତରରେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ନିଜର ଅଭିଭାଷଣରେ କହିଥିଲେ।

ସମ୍ମାନିତ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ, ଓଡ଼ିଶା ପୋଲିସ ହାଉସିଂ ଓ ୱେଲଫେୟାର କର୍ପୋରେଶନ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଲଳିତ ଦାସ, ସଂସ୍କୃତି ବିଭାଗ ପୂର୍ବତନ ନିର୍ଦ୍ଦେଶକ ସୁଶୀଲ ଦାସ, ଚଳଚ୍ଚିତ୍ର ପ୍ରଯୋଜକ ଦୀପକ ମିଶ୍ର, ଆର୍ଯ୍ୟଭଟ୍ଟ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡ. ଚିଦାତ୍ମିକା ଖଟୁଆ ପ୍ରମୁଖ ମଞ୍ଚାସୀନ ଥିଲେ। ଭାଷା ଆମର ପରିଚୟ। ସଂସ୍କୃତି ଆମର ଆତ୍ମା। କଳାକାରଙ୍କୁ ପ୍ରୋତ୍ସାହନ ମିଳିଲେ ଏବଂ ଭାଷାର ବିକାଶ ହେଲେ କଳାସଂସ୍କୃତି ସମୃଦ୍ଧ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।



ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଲଳିତ ଦାସ ସାକ୍ସୋଫୋନ୍ ବଜାଉଛନ୍ତି।

ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ନୃତ୍ୟଶିଳ୍ପୀ ଗୁରୁ ପଦ୍ମଶ୍ରୀ ଗୀତା ମହାଲିକଙ୍କୁ 'ସପ୍ତଶଯ୍ୟା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ତଥା ପ୍ରଯୋଜକ ପ୍ରଦ୍ୟୁମ୍ନ ଲେଙ୍କା, ଅଭିନେତ୍ରୀ ବୀଣା ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭିନେତ୍ରୀ ମଧୁମିତା ମହାନ୍ତି, ନୃତ୍ୟଶିଳ୍ପୀ ଡେଜିନା ବେହେରା, ପୀୟୂଷ ମହାନ୍ତି, ଯୁବ ଉଦ୍ୟୋଗୀ ରାହୁଲ ଅଗ୍ରୱାଲ, କଣ୍ଠଶିଳ୍ପୀ ଆଦ୍ୟାଶା ଦାସ, ଡ. ଜୟଶ୍ରୀ ଧଳ, ତନ୍ମୟ ସ୍ୱାଇଁ 'ସପ୍ତଶଯ୍ୟା ଯୁବ ପ୍ରତିଭା ସମ୍ମାନ'ରେ ସମ୍ମାନିତ ହୋଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ଗୀତା ମହାଲିକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିବାବେଳେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଲଳିତ ଦାସ ସାକ୍ସୋଫୋନ୍ ବଜାଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଆଦ୍ୟାଶା ଦାସଙ୍କ ସଙ୍ଗୀତ ଦର୍ଶକଙ୍କ କରତାଳି ସାଉଁଟିଥିଲା। ଅନୁଷ୍ଠାନର ସମ୍ପାଦକ ଗୁରୁ ଗୌରୀଶଙ୍କର ଦାସ ଧନ୍ୟବାଦ ଦେଇଥିଲେ।

## ଚାଳକଙ୍କୁ ସଚେତନ କଲେ ସ୍ୱେଚ୍ଛାସେବୀ



ଗାଡ଼ି ଚାଳକଙ୍କୁ ସଚେତନ କରାଯାଉଛି।

**ପରଜଙ୍ଗ, ୧୧।୧୧(ଡି.ଏନ.ଏ.)**

ପରଜଙ୍ଗ ଥାନା ୧୪୯ନଂ. ଏବଂ ୫୩ନଂ. ଜାତୀୟ ରାଜପଥର ପିତିରି ଛକରେ ସୋମବାର ସ୍ୱେଚ୍ଛାସେବୀ ସଙ୍ଗଠନ 'ଯୁବଶକ୍ତି' ଏବଂ ଆମ ପୋଲିସର ମିଳିତ ସହଯୋଗରେ 'ସଡ଼କ ସୁରକ୍ଷା ଜୀବନ ରକ୍ଷା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ସାମାଜିକ କର୍ମୀ ହିମାଂଶୁ ଭୂଷଣ ବାରିକଙ୍କ ନେତୃତ୍ୱରେ ଏସ୍‌ଆଇ ସରୋଜ କୁମାର ସେଠୀ ପୋଲିସ କର୍ମଚାରୀଙ୍କ ସହ ଉପସ୍ଥିତ ରହି ଗାଡ଼ି ଚାଳକଙ୍କୁ ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ଗାଡ଼ି ଚାଳକଙ୍କୁ ଚକୋଲେଟ ଏବଂ ଫୁଲ ଦିଆଯାଇଥିଲା। ଗାଡ଼ିଚାଳନା ବେଳେ ହେଲମେଟ୍, ସିଟ୍‌ବେଲ୍ଟ ବ୍ୟବହାର, ଦ୍ରୁତ ଗତିରେ ଗାଡ଼ି ଚାଳନା ନ କରିବା, ଆବଶ୍ୟକ କାଗଜପତ୍ର ପାଖରେ ରଖିବା, ନିଶା ସେବନ ନ କରିବା ଆଦି ବିଷୟରେ ପରାମର୍ଶ ଦିଆଯାଇଥିଲା।

ଥାନା କର୍ମଚାରୀ ମୁନା ସାମଲ, ବଟକୃଷ୍ଣ ସାହୁ, ଆଦିତ୍ୟ ଦେହୁରୀ, ଜଗନ୍ନାଥ ପଲେଇ, ଅଶୋକ ଦେହୁରୀ, ସନ୍ତୋଷ ପ୍ରଧାନ, ପ୍ରଦୀପ ନାୟକ, ରାଜୀବ ମଲ୍ଲିକ, ଯୁବଶକ୍ତି ସଙ୍ଗଠନର ଜ୍ଞାନରଞ୍ଜନ ସାହୁ, ବିଭେଶ ରୋଶନ ସାହୁ, ଶୀତଲ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

■ଆଇଆଇଏମ୍‌ସିରେ ଆଲୋଚନାଚକ୍ର

# 'ବିକାଶ ପାଇଁ ସହଭାଗିତା ଗୁରୁତ୍ୱପୂର୍ଣ୍ଣ'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୧।୧୧**

ଆଗରୁ ଜନସାଧାରଣ ସରକାରଙ୍କ ପ୍ରତି ଉତ୍ତରଦାୟୀ ରହୁଥିଲେ। ଏବେ ସରକାର ଜନତାଙ୍କ ପ୍ରତି ଉତ୍ତରଦାୟୀ ହୋଇଛନ୍ତି। ସରକାର, ପ୍ରଶାସନ ଏବେ ଲୋକଙ୍କୁ ନିୟନ୍ତ୍ରଣ କରିବା ବଦଳରେ ବ୍ୟକ୍ତିସ୍ୱାର୍ଥଙ୍କୁ ଗୁରୁତ୍ୱ ଦେଉଛନ୍ତି। ସରକାରଙ୍କ ପାଖରେ ଲୋକଙ୍କୁ ନିୟନ୍ତ୍ରଣ କରିବାର କ୍ଷମତା ରହିଛି। ହେଲେ ସାମ୍ବିଧାନିକ ଅଧିକାର ଅକ୍ଷୁଣ୍ଣ ରଖିବା, ନାଗରିକ ଯେପରି ସୁରକ୍ଷିତ ରହିବେ ସେ ଦାୟିତ୍ୱ ମଧ୍ୟ ସରକାରଙ୍କର। ଜନତା ଓ ସରକାରଙ୍କ ଭିତରେ ସହଭାଗିତା ବିକାଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ପୂର୍ବତନ ଡିଜି ବିପିନ ବିହାରୀ ମିଶ୍ର। ଢେଙ୍କାନାଳ ଆଇଆଇଏମ୍‌ସି ପରିସରରେ ସୋମବାର 'ସାଧାରଣ ପ୍ରଶାସନରେ ଗଣମାଧ୍ୟମର ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ସେ ଏହା କହିଛନ୍ତି।

ଆଇଆଇଏମ୍‌ସି ଏବଂ ଭାରତୀୟ ଲୋକ ପ୍ରଶାସନ ସଂସ୍ଥାନ (ଆଇଆଇପିଏ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବକ୍ତାଭାବେ ଶିକ୍ଷାବିତ୍ ଚିତ୍ରା କାନୁନ୍‌ଗୋ କହିଲେ, ଯୋଗାଯୋଗ ହେଉଛି ବେଶ୍ ଶକ୍ତିଶାଳୀ। ଶାସନ ଓ ଗଣମାଧ୍ୟମ ମଧ୍ୟରେ ସଂଯୋଗ ରହିଛି। ନିରପେକ୍ଷ ଗଣମାଧ୍ୟମ ଥିବା ଦେଶରେ ଶାସନ ବ୍ୟବସ୍ଥା ବେଶ୍ କ୍ରିୟାଶୀଳ ବୋଲି ସେ ମତପୋଷଣ କରିଥିଲେ। ଆଇଆଇପିଏର ଅଧ୍ୟକ୍ଷ ଶରତ ମିଶ୍ର ଅଧ୍ୟକ୍ଷତା କରି କହିଲେ, ପ୍ରଶାସନିକ ବ୍ୟବସ୍ଥାର ଉତ୍ତମ ସଞ୍ଚାଳନ, ଦୁର୍ନୀତିକୁ ରୋକିବା ଦିଗରେ ଗଣମାଧ୍ୟମ କାର୍ଯ୍ୟ କରିପାରିବ। ସମ୍ପ୍ରତି ଗଣମାଧ୍ୟମ ବ୍ୟକ୍ତିଗତ ଆଭିମୁଖ୍ୟ ବଦଳାଇ ଦେଶ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଥିଲେ। ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ସ୍ୱାଗତ ଭାଷଣ ଦେଇ କହିଲେ, ସାଧାରଣ ଜନତା ଏବଂ ସରକାରଙ୍କ ମଧ୍ୟରେ ଗଣମାଧ୍ୟମ ହେଉଛି ସେତୁବନ୍ଧ। ଏପରି ସମ୍ପର୍କ ଯେତେ ସୁଦୃଢ଼ ହେବ ବ୍ୟବସ୍ଥା ସେତିକି ତ୍ରୁଟି ରହିତ ହେବ।

ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସଞ୍ଜୀବ ହୋତା, କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ନଗେନ୍ଦ୍ରନାଥ ମିଶ୍ର, ସହକାରୀ ପ୍ରଫେସର ସମ୍ମିତ ପାଲଙ୍କ ସମେତ ସଂସ୍ଥାନର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଆମ୍ବୁଲାନ୍ସ ଧକ୍କାରେ ପଥଚାରୀଙ୍କ ମୃତ୍ୟୁ

**ଠାକୁରମୁଣ୍ଡା,୧୧।୧୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ଘୁଲୁଘୁଲିଆ ଶାଳନ୍ଦୀ ସେତୁ ନିକଟରେ ସୋମବାର ସନ୍ଧ୍ୟାରେ ଏକ ଆମ୍ବୁଲାନ୍ସ ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ମୃତକଜଣକ ହେଉଛନ୍ତି ସାତକୋଶିଆ ପଞ୍ଚାୟତ ଅନ୍ତର୍ଗତ ଘୁଲୁଘୁଲିଆ ଗ୍ରାମର ଦାଶରଥି ହୋ। ସୂଚନା ଅନୁଯାୟୀ, କରଞ୍ଜିଆ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଆମ୍ବୁଲାନ୍ସ ଜଣେ ରୋଗୀଙ୍କୁ ନେଇ କଟକରେ ଛାଡ଼ି ଫେରୁଥିବା ବେଳେ ରାସ୍ତାରେ ଚାଲିଚାଲି ଘରକୁ ଯାଉଥିବା ଦାଶରଥିଙ୍କୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଆମ୍ବୁଲାନ୍ସଟି ସେଠାରୁ ପଳାଇଯାଇଥିଲା। ଖବରପାଇ ମହୁଲଡ଼ିହା ଥାନା ପୋଲିସ ଆମ୍ବୁଲାନ୍ସକୁ ଧରି ଠାକୁରମୁଣ୍ଡା ଥାନାରେ ଅଟକ ରଖିଥିଲେ। ଦୁର୍ଘଟଣାରେ ଗୁରୁତର ଆହତ ଦାଶରଥୀଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଯାତ୍ରୀବାହୀ ବସ୍‌ରେ ଆଣି ଠାକୁରମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମହୁଲଡ଼ିହା ଥାନା ପୋଲିସ ଆମ୍ବୁଲାନ୍ସକୁ ଜବତ କରିବା ସହ ତଦନ୍ତ ଚଳାଇଛି।

# ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ



ପାନୀୟଜଳ ପ୍ରକଳ୍ପର ଉଦ୍‌ଘାଟନ ଅବସରରେ ଆୟୋଜିତ ସଭା।

**ଢେଙ୍କାନାଳ ଅଫିସ, ୧୧।୧୧**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ଏବଂ ବାଇଁଶିଆ ପଞ୍ଚାୟତରେ ଗ୍ରାମ୍ୟ ଜଳ ଯୋଗାଣ ଏବଂ ଆମ ଗାଁ ଆମ ବିକାଶ ଯୋଜନା ଆନୁକୂଲ୍ୟରେ ନିର୍ମିତ ବିଭିନ୍ନ ପ୍ରକଳ୍ପ ସୋମବାର ଲୋକାର୍ପିତ ହୋଇଛି। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଭୂୟାଁ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ।

କରମୂଳ ପଞ୍ଚାୟତ ସଭାଗୃହ ଓ ସ୍ୱାଗତ ତୋରଣ, ଅଶ୍ୱଖୋଲା, ମଝିପାଳରେ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ, ବାଇଁଶିଆ ପଞ୍ଚାୟତରେ କମ୍ୟୁନିଟି ସେଣ୍ଟର, ମାର୍କେଟ କମ୍ପ୍ଲେକ୍ସ, କାଠପାଳ, ବଲ୍ଲଭ ଏବଂ ବାଇଁଶିଆରେ କମ୍ୟୁନିଟି ସେଣ୍ଟର ଲୋକାର୍ପଣ ହୋଇଛି। 'ମୋ ସରକାର ଯୋଜନା' ଏବଂ '୫-ଟି' କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନେ ସରକାରଙ୍କ ନିକଟତର ହେଉଛନ୍ତି। କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇବାକୁ ମନ୍ତ୍ରୀ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ।

ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସାହୁ, ସରପଞ୍ଚ ରାଜେଶ ନାୟକ, ସମିତିସଭ୍ୟ ପ୍ରଭାକର ପ୍ରଧାନ, ବିଜେଡି ନେତା ନରୋତ୍ତମ ସାହୁ, ସୁରଜମହାପାତ୍ର, ନିରାକାର ରାଉତ, ନବକିଶୋର ସାମଲ, ବିଶ୍ୱନାଥ ଜେନା, ପ୍ରଦୀପ ରାଉତ, ଶୁଭଦର୍ଶିନୀ ପରିଡ଼ା, ରୁବି ବିଶ୍ୱାଳଙ୍କ ସମେତ ବହୁ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ।

## ସିନର୍ଜିରେ ୧୦୬ ୟୁନିଟ୍ ରକ୍ତ ସଂଗ୍ରହ



**ଢେଙ୍କାନାଳ ଅଫିସ, ୧୧।୧୧**

ଢେଙ୍କାନାଳ ସିନର୍ଜି ଶିକ୍ଷାନୁଷ୍ଠାନ ପରିସରରେ ସୋମବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୧୦୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ସିନର୍ଜି ଶିକ୍ଷାନୁଷ୍ଠାନର ଡିଗ୍ରୀ, ଡିପ୍ଲୋମା, ଯୁକ୍ତ ୩ ବିଜ୍ଞାନ ଏବଂ ଦୀନଦୟାଲ ଉପାଧ୍ୟାୟ କୌଶଳ ବିକାଶ ଯୋଜନାର ଛାତ୍ରୀଛାତ୍ରଙ୍କ ସମେତ ଯୁବ ରେଡ୍‌କ୍ରସ, ଏନ୍‌ସିସି, ଏନ୍‌ଏସ୍‌ଏସ୍, ରୋଟ୍ରାକ୍ଟ କ୍ଲବର ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଧିକାରୀ ନିରୋଦ କୁମାର ଜେନା, କଲେଜ ଅଧ୍ୟକ୍ଷା ଡ. ଇତିଶ୍ରୀ ମହାନ୍ତି, ଡିପ୍ଲୋମା ବିଭାଗ ଅଧ୍ୟକ୍ଷ ସରୋଜ କୁମାର ନାୟକ, ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ମିଶ୍ର, ଜିଲା ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି, ବରିଷ୍ଠ ନିରାପତ୍ତା ଅଧିକାରୀ ଅକ୍ଷୟ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରାଇଥିଲେ। ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଡା. ପ୍ରମୋଦ ମହାଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ୟୁଥ୍ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ଜ୍ୟୋତିରଞ୍ଜନ ସାହୁ, ଶାଶ୍ୱତ ସଚିନ ମିଶ୍ର ଏବଂ ରୋଟ୍ରାକ୍ଟ କ୍ଲବ ସଭାନେତ୍ରୀ ନେହା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■କଣ୍ଟ୍ରାକ୍ଟ ସମୟ ପୂରିଲାଣି, ସରୁନି ପ୍ରକଳ୍ପ କାର୍ଯ୍ୟ

# ୬୧ ଅଧାପନ୍ତରିଆ, ୧୫ ଆରମ୍ଭ ହୋଇନି

**କାମାକ୍ଷାନଗର, ୧୧।୧୧(ଡି.ଏନ.ଏ)**

ଗ୍ରାମାଞ୍ଚଳର ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ ଲାଗି ରାଜ୍ୟରେ ଆରମ୍ଭ ହୋଇଛି 'ଆମ ଗାଁ, ଆମ ବିକାଶ' କାର୍ଯ୍ୟକ୍ରମ। ରାଜ୍ୟ ସରକାର ସିଧାସଳଖ ଜନପ୍ରତିନିଧିଙ୍କ ସହ ଆଲୋଚନା କରି ପଞ୍ଚାୟତର ଆବଶ୍ୟକତାକୁ ଦେଖି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କରିବାକୁ ମଞ୍ଜୁରୀ ଦେଇଛନ୍ତି। ଏଥିପାଇଁ ଆର୍ଥିକ ଅନୁଦାନ ବ୍ୟବସ୍ଥା ମଧ୍ୟ କରାଯାଇଛି। ହେଲେ ଆନ୍ତରିକତା ଅଭାବରୁ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକରେ ଆଗଉନି ଏହି ଯୋଜନାର ପ୍ରକଳ୍ପ କାର୍ଯ୍ୟ। ବ୍ଲକର ୨୨ ପଞ୍ଚାୟତ ପାଇଁ ମଞ୍ଜୁରୀପ୍ରାପ୍ତ ୨୨୫ ପ୍ରକଳ୍ପ ମଧ୍ୟରୁ ୬୧ଟି ଅଧାପନ୍ତରିଆ ଅବସ୍ଥାରେ ପଡ଼ିଥିବାବେଳେ ୧୫ଟିର କାମ ଏଯାଏ ଆରମ୍ଭ ହୋଇନି।

**କାମାକ୍ଷାନଗର ବ୍ଲକ**




■୨୨ ପଞ୍ଚାୟତ ପାଇଁ ମଞ୍ଜୁର ହୋଇଛି ୨୨୫ ପ୍ରକଳ୍ପ

■ବ୍ୟୟ ଅଟକଳ ୫ କୋଟି ୪୨ ଲକ୍ଷ ୭୫ ହଜାର

■ଖର୍ଚ୍ଚ ହୋଇଛି ୪ କୋଟି ୨୭ ଲକ୍ଷ ୧୫ ହଜାର

ଗ୍ରାମୀଣ ବିକାଶକୁ ଅଗ୍ରାଧିକାର ଦେଇ ୨୦୧୮ ମାର୍ଚ୍ଚ ୫ରେ ସାରା ରାଜ୍ୟରେ ଆରମ୍ଭ ହୋଇଥିଲା 'ଆମ ଗାଁ, ଆମ ବିକାଶ' ଯୋଜନା। ଏହିକ୍ରମରେ କାମାକ୍ଷାନଗର ବ୍ଲକର ୨୨ ପଞ୍ଚାୟତକୁ ଦୁଇଟି ପର୍ଯ୍ୟାୟରେ ୨୨୫ ପ୍ରକଳ୍ପ ମଞ୍ଜୁର କରାଯାଇଥିଲା। ଏଥିଲାଗି ମୋଟ ୫ କୋଟି ୪୨ ଲକ୍ଷ ୭୫ ହଜାର ଟଙ୍କା ବ୍ୟୟବରାଦ ହୋଇଥିଲା। ଏହି ଅନୁଦାନ ଟଙ୍କାରେ ଗୋଷ୍ଠୀଘର, ଏସ୍‌ଏଚ୍‌ଜିର ଉନ୍ନତି ଲାଗି ସହାୟକ ଗୃହ, ପୋଖରୀରୁ ପଙ୍କ ଉଦ୍ଧାର କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ୨୦୧୮ ଜୁନ୍ ୩୦ରେ ଦ୍ୱିତୀୟ ପର୍ଯ୍ୟାୟ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମର ଅନୁଦାନ ଘୋଷଣା ବେଳେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନ୍‌ଫରେନ୍ସରେ କଥା ହୋଇଥିଲେ। ଏଥିସହ ସମସ୍ତ ପ୍ରକଳ୍ପକୁ ୬ମାସ ଭିତରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଧାର୍ଯ୍ୟ ସମୟ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ୧୫ ପ୍ରକଳ୍ପ କାମ ଏଯାଏ ଆରମ୍ଭ ହୋଇନାହିଁ। ସେଗୁଡ଼ିକ ମଧ୍ୟରେ ବାଇସିଙ୍ଗା ପଞ୍ଚାୟତର ୩, ବାଉଁଶପାଳ, ବାରୁଆଁ (କା), ଭଏରପୁର, କାଦୁଆ, ଡୁମୁସିଙ୍ଗା ପଞ୍ଚାୟତର ୨ଟି ଲେଖାଏ, କଣ୍ଟାପାଳ ଏବଂ ମହୁଲପାଳର ଗୋଟିଏ ଲେଖାଏ ପ୍ରକଳ୍ପ ରହିଛି। ମୋଟ ୪ କୋଟି ୨୭ ଲକ୍ଷ ୧୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ୬୧ପ୍ରକଳ୍ପ ଅଧପନ୍ତରିଆ ହୋଇପଡ଼ିଛି। ଜନପ୍ରତିନିଧି ଏବଂ ପ୍ରଶାସନର ଆନ୍ତରିକତା ଅଭାବରୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ଏଥିପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ପଞ୍ଚାୟତବାସୀ ଦାବି କରିଛନ୍ତି।

ଏ ନେଇ ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ମହାରଣା କୁହନ୍ତି, କାମ ତ୍ୱରାନ୍ୱିତ କରିବା ପାଇଁ ଠିକାଦାରଙ୍କୁ କୁହାଯାଉଛି। କେତେକ ସ୍ଥାନରେ ଜମି ସମସ୍ୟା ଯୋଗୁ କାମ ଅଟକିଛି। ଅନ୍ୟ ପ୍ରକଳ୍ପଗୁଡ଼ିକ ବିଳମ୍ବରେ ଆରମ୍ଭ ହୋଇଥିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବାରେ ସମସ୍ୟା ଉପୁଜିଛି। କାର୍ଯ୍ୟ ଶେଷ କରିବାକୁ ଠିକାଦାରଙ୍କୁ ଚିଠି କରାଯାଇଥିବା ସେ ସୂଚନା ଦେଇଛନ୍ତି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ